# ସିଭି ରମଣ ଇଞ୍ଜିନିୟରିଂ କଲେଜର ବାର୍ଷିକ ଟେକ୍ନୋ ଉତ୍ସବ




ଭୁବନେଶ୍ୱର,୧୨।୨ - ସିଭି ରମଣ ଇଞ୍ଜିନିୟରିଂ କଲେଜର ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ(ସେଲିଗାନ୍ସ) ସମାରୋହରେ ଗୁରୁବାର ଆରମ୍ଭ ହୋଇଛି। ଏହି ଉତ୍ସବ ତିନିଦିନ ଧରି ଚାଲିବ ବୋଲି ଜଣାଯାଇଛି।

ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ 'ସମାଜ'ର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତକୁମାର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କ ବୈଷୟିକ ଜ୍ଞାନକୌଶଳକୁ ସମାଜର ବିକାଶ ନିମନ୍ତେ ଉପଯୋଗ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥି 'ସମାଜ'ର ସମ୍ପାଦକୀୟ ପରାମର୍ଶଦାତା ମହେଶ ଶର୍ମା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଧ୍ୟୟନ ସହ ପ୍ରୟୋଗାତ୍ମକ ଚେଷ୍ଟା ଏବଂ ସମାଜରେ କିପରି ଏକ ମଣିଷ ପରି ମଣିଷଟିଏ ହେବାପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିବା ସିଭି ରମଣ ଗ୍ରୁପର ଚେୟାରମ୍ୟାନ୍ ସଞ୍ଜୀବ ରାଉତ ଛାତ୍ରଛାତ୍ରୀଙ୍କୁ ଏପରି ଏକ ଉତ୍ସବ ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ନିୟମିତ ପାଠପଢ଼ା ସହ କଳାତ୍ମକ କାର୍ଯ୍ୟରେ ଯୋଗଦେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଅନୁଷ୍ଠାନର ପ୍ରତି ବିଭାଗର ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସିଭି ରମଣ ଏଜୁକେସନ ସୋସାଇଟିର ସଭାପତି ଶରତ ଚନ୍ଦ୍ର ଭଦ୍ରା, ଆଇଆଇଟି ଭୁବନେଶ୍ୱର ପ୍ରଫେସର ଗଣପତି ପଣ୍ଡା, କଲେଜ ଅଧ୍ୟକ୍ଷ ପ୍ରଫେସର ଆରକେ ଦାସ ଉପସ୍ଥିତ ଥିଲେ। କଲେଜର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ଅମୃତରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

The Samaj
13.02.2015